## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ରୂପ୍‌ସା,(ଡି.ଏନ୍.ଏ.)- ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ନୀଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଛି। ଅଧକ୍ଷ ଡ. ତପନ କୁମାର ବେହେରା ଶିବିରକୁ ଉଦ୍‌ଘାଟନ କରି ଛାତ୍ରୀ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅଧାପକ ବିଜୟ କୁମାର ବେହେରା, କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ପିନାକୀ ପଣ୍ଡା ଓ ଡ. ଆରୁଣୀ ମିଶ୍ର ଯୋଗଦେଇ ନିଜ ସୁରକ୍ଷା ନିଜ ହାତରେ ବୋଲି ବକ୍ତବ୍ୟରେ କହି ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବଦଳିଲେ ୮ଥାନା ଅଧିକାରୀ

ବାରିପଦା ଅଫିସ,୮।୧- ମୟୂରଭଞ୍ଜ ଜିଲା ପୋଲିସ ବିଭାଗରେ ସାମାନ୍ୟ ଅଦଳବଦଳ କରାଯାଇଛି। ଜିଲା ଆରକ୍ଷୀ ଅଧିକ୍ଷକ ରଷିକେଶ ଦ୍ୟାନଦେଓ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ୮ଜଣ ଥାନା ଅଧିକାରୀଙ୍କୁ ଜିଲା ମଧରେ ଅଦଳବଦଳ କରାଯାଇଛି। ବିଭାଗୀୟ ଚିଠି ନଂ. ୭୩/୮।୧।୨୦୨୩ ଅନୁସାରେ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର ସେନାପତିଙ୍କୁ ଭଞ୍ଜପୁର ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତ ଦିଆଯାଇଛି। ଏଥି ସହିତ ରାଇରଙ୍ଗପୁର ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କୁ ବାରିପଦା ଟାଉନ ଥାନା, ଖୁଣ୍ଟା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜଙ୍କୁ ରାଇରଙ୍ଗପୁର ଟାଉନ ଥାନା, ରାସଗୋବିନ୍ଦପୁର ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଖୁଣ୍ଟା ଥାନା, କରଞ୍ଜିଆ ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କୁ ରାସଗୋବିନ୍ଦପୁର ଥାନା, ପୋଲିସ ମୁଖ୍ୟାଳୟରେ ଥିବା ସୁଚନ୍ଦ୍ର ମହାଲିକ ଓ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଯଥାକ୍ରମେ କରଞ୍ଜିଆ ଓ ରରୁଆଁ ଥାନାଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ରାରୁଆଁ ଥାନାଧିକାରୀ ଦୟାନିଧି ଦାସଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସମସ୍ତେ ନିର୍ଦ୍ଦେଶ ପ୍ରାପ୍ତି ମାତ୍ରେ ତୁରନ୍ତ ନୂତନ ସ୍ଥାନରେ କାର୍ଯ୍ୟରେ ଯୋଗଦେବାକୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

ପଦ୍ମପୁର,୯।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ଗ୍ରାମର ଶୁଭଲକ୍ଷ୍ମୀ ସାହୁ ନାମ୍ନୀ ମହିଳା ସୋମବାର ସକାଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ବେକରେ ରଶି ଲଗାଇ ଦେଇଥିବା ଦେଖିବା ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନାୟକାଣିଡିହୀ ଥାନା ଏଏସ୍‌ଆଇ ପ୍ରଭାସିନୀ ମହାପାତ୍ର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୩) ରୁଜୁ କରାଯାଇଛି।

### ପାଲାଗାୟକ ସମ୍ମିଳନୀ

ଭଦ୍ରକ ଅଫିସ,୯।୧- ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦର ଭଦ୍ରକ-ବାଲେଶ୍ୱର ଶାଖା ପକ୍ଷରୁ ବାରିକପୁର ଅନ୍ତପୁର ଛକଠାରେ ଦୁଇଦିନିଆ ୨୪ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ରାଜକିଶୋର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ବରେଣ୍ୟ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ସଭାପତି ସୋମନାଥ ତ୍ରିପାଠୀ, ପାଲା ଗବେଷକ ଡ. ସନ୍ତୋଷ ମହାପାତ୍ର, ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ଗାୟକ ମଦନ ମୋହନ ଜେନା, ବସନ୍ତ ରାଉତ, ସୁଦର୍ଶନ ମହାପାତ୍ର ପ୍ରମୁଖ ପାଲାର ସୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ। ଚନ୍ଦ୍ରଶେଖର ପାତ୍ର ଅତିଥି ପରିଚୟ ଦେଇଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ପାଟଣା,୯।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦାମାହୁଦା ପଡ଼ିଆବେଡ଼ା ରାସ୍ତାର କୁମୁଲାବାହାଳି ବାଙ୍କ ନିକଟରେ ସୋମବାର ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ବଣ ମହୁଲ ଡିହାର ସିପୁନ ନାଏକ(୨୮) ଗୁରୁତର ୨ ଜଣ ହେଉଛନ୍ତି ରୁଦ୍ର ଭାନୁ ନାଏକ(୧୩) ଓ ପପୁନ ନାଏକ (୨୦)। ସୂଚନା ଅନୁଯାୟୀ, ୩ ସାଙ୍ଗ ବାଇକ ଯୋଗେ ବଜାରକୁ ଯାଉଥିଲେ। ଭାରସାମ୍ୟ ହରାଇ ଚାଳକ କୁମୁଲାବାହାଳି ବାଙ୍କ ନିକଟରେ ଏକ କାଛକୁ ବାଇକ୍ ଧକ୍କା ଦେଇଥିଲେ। ସମସ୍ତେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିପୁନଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

# ପଢୁଛନ୍ତି ବେସରକାରୀରେ, ନାମ ଗଡୁଛି ସରକାରୀରେ

**ସିମୁଳିଆ, ୯।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଞ୍ଚଳର ଏକାଧିକ ଛାତ୍ରୀଛାତ୍ର ଏକସଙ୍ଗେ ଦୁଇଟି ବିଦ୍ୟାଳୟରେ ପାଠ ପଢୁଥିବା ନଜରକୁ ଆସିଛି। ବେସରକାରୀ ବା ଘରୋଇ ସ୍କୁଲରେ ସେମାନେ ପଢୁଥିବା ବେଳେ ସରକାରୀ ବିଦ୍ୟାଳୟରେ ନାମ ଗଡୁଛି। ଏପରିକି ଦୁଇଟି ବିଦ୍ୟାଳୟରେ ମଧ ସେମାନଙ୍କର ଉପସ୍ଥାନ ପଡୁଛି। ଆଧାର ନମ୍ବର ମାଧମରେ ଏପରି କରାଯାଇଥିବା ଅଭିଯୋଗ ହେଉଛି। ଅନ୍‌ଲାଇନ କିମ୍ବା ଅଫ୍‌ଲାଇନରେ ମଧ ଏହାକୁ ରେକାଯାଇପାରିନାହିଁ । ସରକାରୀ ସ୍କୁଲ ରେଜିଷ୍ଟରରେ ଅଭିଭାବକଙ୍କ ନାମରେ ଜାଲ ଦସ୍ତଖତ କରାଯାଇ ପିଲାମାନଙ୍କୁ ଲାଗି ଆସୁଥିବା ଖାଦ୍ୟ, ବସ୍ତ୍ର ଆଦି ବିଭିନ୍ନ ସରକାରୀ ସହାୟତା ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଅଧୀନ ମାଧପୁର ଅଞ୍ଚଳର ଜଣେ ଛାତ୍ରୀ ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚତୁର୍ଥ ଶ୍ରେଣୀ ସେକ୍ସନ 'ଏ' ରେ ପାଠ ପଢୁଛନ୍ତି। ଅପରପକ୍ଷେ ସେ ବଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ପଢୁଥିବା ରେକର୍ଡ଼ ଦେଖିବାକୁ ମିଳିଛି । ସେ ଏହି ବିଦ୍ୟାଳୟରେ ଗତ ୫ବର୍ଷ ହେଲା ପଢୁଥିବା ଜଣାଯାଇଛି। ସେହିପରି ବଣା ଅଞ୍ଚଳର ଜଣେ ଛାତ୍ର ଶିଶୁ ମନ୍ଦିରରେ ଚତୁର୍ଥ ଶ୍ରେଣୀର 'ଏ' ସେକ୍ସନରେ ପଢୁଥିବା ବେଳେ ବଣା ବିଦ୍ୟାଳୟରେ ସେ ଷଷ୍ଠ ଶ୍ରେଣୀରେ ପଢୁଥିବା ରେକର୍ଡ଼ରେ ରହିଛି। ବଣା ଅଞ୍ଚଳର ଅନ୍ୟ ଜଣେ ଛାତ୍ର ଶିଶୁ ମନ୍ଦିରରେ ଦ୍ୱିତୀୟ ଶ୍ରେଣୀର 'ଏ' ସେକ୍ସନରେ ପଢୁଥିବା ବେଳେ ସେ ବଣା ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ରେକର୍ଡ଼ ରହିଛି। ବଣା ଅଞ୍ଚଳର

## ଲୁଟ୍ ହେଉଛି ସରକାରୀ ସହାୟତା

ଆଉ ଜଣେ ଛାତ୍ରୀ ଶିଶୁ ମନ୍ଦିରର ପଞ୍ଚମ ଶ୍ରେଣୀର 'ଏ' ସେକ୍ସନରେ ପଢୁଥିବା ବେଳେ ବଣା ବିଦ୍ୟାଳୟରେ ସେ ଚତୁର୍ଥ ଶ୍ରେଣୀରେ ପଢୁଥିବାର ରେକର୍ଡ଼ ରହିଛି।

ଏ ସମ୍ପର୍କରେ ଦୁଇଟି ସ୍କୁଲରେ ନାମ ଥିବା ଜଣେ ଛାତ୍ରୀଙ୍କ ମା' କୁହନ୍ତି କରୋନା ପାଇଁ ବିଦ୍ୟାଳୟ ବନ୍ଦ ଥିବା ସ୍ଥଳେ ଶିଶୁମନ୍ଦିର କର୍ତ୍ତୃପକ୍ଷ ଦରମା ଦାବି କରିବାରୁ ସେ ଗାଁରେ ଥିବା ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଚାହିଁଥିଲେ। ତେବେ ଶିଶୁ ମନ୍ଦିରରୁ ଟିସି ନ ଆଣିଲେ ଏହି ବିଦ୍ୟାଳୟରେ ନାମ ଲେଖାଯାଇପାରିବ ନାହିଁ ବୋଲି ପ୍ରଧାନ ଶିକ୍ଷକ କହିଥିଲେ। ତେବେ ଗତ କିଛିଦିନ ପୂର୍ବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୬ରୁ ୧୮ ବର୍ଷ ବାଳିକାମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟକାର୍ଡ଼ ତାଙ୍କୁ ମିଳିବା ପରେ ସରକାରୀ ବିଦ୍ୟାଳୟରେ ତାଙ୍କ ଝିଅର ନାମ ରହିଥିବା ସେ ଜାଣିବାକୁ ପାଇଥିଲେ । ଏ ସମ୍ପର୍କରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ ଗତ ୬ମାସ ହେଲା ଆସିଛନ୍ତି । ତେବେ ଏ ସମ୍ପର୍କରେ ସେ ତଦନ୍ତ କରି ଦେଖିବେ ବୋଲି କହିଛନ୍ତି । ଅପରପକ୍ଷେ ବଣା ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥି ଟୁଡୁଙ୍କୁ ପଚାରିବାରୁ ଅଭିଭାବକମାନେ ଏପାଖସେପାଖ କରିଥାଇପାରନ୍ତି ବୋଲି କହିଛନ୍ତି ।

ଏ ସମ୍ପର୍କରେ ସିମୁଳିଆ ବ୍ଲକର ଶିକ୍ଷା ବିଭାଗୀୟ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଶିକ୍ଷା ବିଭାଗରେ ଅନିୟମିତତା ଦୃଷ୍ଟିକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ନଦୀବନ୍ଧ ଧସିଥିବା ସ୍ଥାନ ପରିଦର୍ଶନ କଲେ ଜଳସେଚନ ଅଧିକାରୀ



ଅଧିକାରୀ ପଥରପ୍ୟାକିଂ ଧସିଥିବା ସ୍ଥାନ ବୁଲି ଦେଖୁଛନ୍ତି।

**ଆରଡି, ୯।୧(ଡି.ଏନ.ଏ.)**

## କାମ ମଝିରେ ପଥରପ୍ୟାକିଂ ବନ୍ଦ ନ କରିବାକୁ ଠିକାଦାରଙ୍କୁ ତାଗିଦା

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ଶୀତଳପୁରଠାରେ ସାଳନ୍ଦୀ ନଦୀକୂଳରେ ପଥରପ୍ୟାକିଂ କାର୍ଯ୍ୟ ଚାଲିଥିଲା ବେଳେ ରବିବାର ୪୦ ଫୁଟ୍‌ର ନଦୀବନ୍ଧ ଧସିଯାଇଥିଲା। ସୋମବାର ଅପରାହ୍ନରେ ଜଳସେଚନ ବିଭାଗର ଧାମନଗର ଡିଭିଜନ ଏସ୍‌ଡିଓ ବିଜୟ କୁମାର ସେଠୀ ଓ କନିଷ୍ଠ ଯନ୍ତ୍ରୀ କିଶୋର ଦାସ ଶୀତଳପୁରରେ ପହଞ୍ଚି ନଦୀବନ୍ଧ ଧସିଥିବା ସ୍ଥାନ ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥାନରେ ତୁରନ୍ତ ପଥରପ୍ୟାକିଂ କାର୍ଯ୍ୟ ଆରମ୍ଭ କରିବାକୁ ୨ ଅଧିକାରୀ ଠିକାଦାରଙ୍କୁ କହିଛନ୍ତି। ଏଥିସହ ସେଠାରେ ଓ ନଦୀଶଯ୍ୟାରେ ପଥର ପକାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ପଥର ଧସିବା ଯୋଗୁ ଲୋକେ ଆତଙ୍କିତ ହେବାର କିଛି କାରଣ ନାହିଁ। ଏବେ ଯେଉଁ ପଥରପ୍ୟାକିଂ କାର୍ଯ୍ୟ ଚାଲିଛି, ତାହା ସ୍ଥାୟୀ ଓ ସୁଦୃଢ଼ ଭାବେ କରାଯିବ ବୋଲି ସେମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଥରପ୍ୟାକିଂ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ କାମ ମଝିରେ ବନ୍ଦ ନ କରିବାକୁ ସେମାନେ ଠିକାଦାରଙ୍କୁ ତାଗିଦ୍ କରିଛନ୍ତି।

# 'ଉତ୍ସବ ମାଧମରେ ସୃଷ୍ଟି ହୁଏ ଭାଇଚାରା'



ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଗଣ।

**ବାଲେଶ୍ୱର ଅଫିସ, ୯।୧**

## ଇଣ୍ଟିଗ୍ରେସନ ଯୁବ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର ସହର ଜିଲା ସ୍କୁଲ ପୁରୁଣା ଷ୍ଟାଡ଼ିୟମ୍‌ରେ ୩ଦିନ ଧରି ପାଳିତ ହେଉଥିବା ଇଣ୍ଟିଗ୍ରେସନ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଂଗ୍ରେସର ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ଉତ୍ସବ ମାଧମରେ ଭାଇଚାରା ସୃଷ୍ଟି ହେବା ସହ ବହୁ ଶିକ୍ଷଣୀୟ ବାର୍ତ୍ତା ସମାଜକୁ ଦିଆଯାଇଥାଏ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପ୍ରତିଯୋଗୀମାନେ ନିଜର ପାରଦର୍ଶିତା ଦେଖାଇବାରେ ସୁଯୋଗ ପାଇଥାନ୍ତି। ଏହା କେବଳ ଭାରତୀୟ ସଂସ୍କୃତିର ଭିନ୍ନ ଏକ ଉନ୍ନତିର ମାଧମ ବୋଲି ପ୍ରକାଶ କରିଥିଲେ।

ଅନୁଷ୍ଠାନ ଅଧକ୍ଷ ସରୋଜ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁ, ସାଧାରଣ ସମ୍ପାଦକ ଗୌତମ ସାହୁ, ସମ୍ପାଦକ ଜୀବନ ମହାପାତ୍ର, ଉପସଭାପତି ଡ. ଦେବାଶିଷ, ଚିତ୍ତରଞ୍ଜନ ପଣ୍ଡା ଓ ଅମର ଗିରି, ସହସମ୍ପାଦକ ଉମେଶ ବେହେରା, ସୁମନ କାମିଲା, ଲୋକେଶ ଦାସ, ତପନ ରାଉଳ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ସହ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବଲିଉଡ କଣ୍ଠଶିଳ୍ପୀ ରାଜବର୍ମନ ନିଜ ସୁମଧୁର ସଂଗୀତରେ ଦର୍ଶକଙ୍କୁ ଝୁମେଇବା ସହ ଓଡ଼ିଆ ହାସ୍ୟ ଅଭିନେତା ରାଜୁ ଦାସ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲେ। କାର୍ଯ୍ୟକ୍ରମରେ ସୌରଭ ବେହେରା, ସୁଶାନ୍ତ ଜେନା, ପ୍ରମୋଦ ସାହୁ, ଦିବ୍ୟାଶା ମହାନ୍ତି, ସରିତ ସପନ ବାରିକ, ନବ ପ୍ରସାଦ ଭୂୟାଁ ଓ ଚନ୍ଦନ ମହାଳିକ ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିର ରଜତ ଜୟନ୍ତୀ ସମାରୋହ

**ନୀଳଗିରି, ୯।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବରହମପୁର ମିନି ଷ୍ଟାଡ଼ିୟମ ପରିସରରେ ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଓ ୨୬ବର୍ଷର ପାଦ ଥାପି ଥିବାକୁ ନେଇ ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହକୁ ନୀଳଗିରି ବିଜୁ ଜନତା ଦଳର ନେତା ସନ୍ତୋଷ ଖଟୁଆ ନେତୃତ୍ୱ ନେଇଥିବା ବେଳେ ବାଲେଶ୍ୱରର ପୂର୍ବତନ ଏମ୍‌ପି ତଥା ବିଜେଡି ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ଉଦ୍‌ଘାଟନ କରିଥିଲେ। କୃତିବାସ ବେହେରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସିମନ ଦାସମହାପାତ୍ର, ଜିଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲା ଏସ୍‌ସି ସେଲର ସଭାପତି ଶତ୍ରୁଘ୍ନ ମଲିକ, ଏନ୍‌ଏସି ସଭାପତି ରବିନ୍ଦ୍ର ପରିଡ଼ା, ଏନ୍‌ଏସି ଅଧକ୍ଷା ଅମ୍ବିକା ଦାସ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ନିର୍ବାଚନ ମଣ୍ଡଳୀୟ ଏସ୍‌ସି ସେଲର ସଭାପତି ଶରତ ଦାସ, ଜିଲା ପରିଷଦ ସଦସ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ, ରଞ୍ଜିତା ସିଂ, ଗତିକୃଷ୍ଣ ନନ୍ଦ, ଫ୍ରାନସିସ ବେକନ ସ, ଜ୍ୟୋତିର୍ମୟ ପୁଥାଳ, ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ବାଲେଶ୍ୱର ମ୍ୟୁନିସିପାଲଟିର ଅଧକ୍ଷ ଆଲୋକ ଦାଶ, ଅଶୋକ ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ବକ୍ତବ୍ୟ ରଖିଥିଲେ।

# ଭାଷଣ ବିରୋଧୀ ଲଢ଼େଇ ପାଇଁ ଆହ୍ୱାନ

## ଉଦଳା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ସମାରୋହ




ସମାବେଶରେ ଯୋଗ ଦେଇଥିବା ବିଜେଡି କାର୍ଯ୍ୟକର୍ତ୍ତା।

**ଉଦଳା,୯।୧(ଡି.ଏନ.ଏ.)**

ବିଜୁ ଜନତା ଦଳର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସୋମବାର ଉଦଳା ନିର୍ବାଚନ ମଣ୍ଡଳୀସ୍ତରୀୟ ପ୍ରତିଷ୍ଠା ଦିବସ ଅତୁଲ ପଡ଼ିଆରେ ଆୟୋଜିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ତଥା ଉଠା ଜଳସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ, କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ଜିଲା ଯୋଜନା କମିଟିର ସଦସ୍ୟ ଜିତେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ, ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ଓଡ଼ିଶାର ସ୍ୱାଭିମାନ ପାଇଁ ଏକତ୍ରିତ ହୋଇ ବିକାଶ ପ୍ରକ୍ରିୟାରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଦଳ ଆରମ୍ଭରୁ ଶୋଷଣ ବିରୋଧରେ ଲଢ଼େଇ କରି ଆସୁଥିବା ବେଳେ ଏବେ ଭାଜପା ନେତାଙ୍କ ମିଥ୍ୟା ଭାଷଣ ବିରୋଧରେ ମଧ ଲଢ଼େଇ କରିବାକୁ ପଡ଼ିବ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ। ଅନ୍ୟମାନଙ୍କ ମଧରେ ଉଦଳା ଏନ୍‌ଏସି ଉପାଧକ୍ଷ ଲିଲି ଭୋଳ, ପୂର୍ବତନ ଅଧକ୍ଷ ତଥା କାଉନସିଲର ସୌଭାଗ୍ୟ ସାହୁ, ସୁବାସ ସାଏ, ଜିଲା ପରିଷଦ ସଦସ୍ୟା ଉର୍ମିଳା ଲେଙ୍କା, ଇଂ. ସୁଶାନ୍ତି ସିଂ, ଲଳିତା ବିଶୋଇ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ନଗର ସଭାପତି ବନମାଳୀ ବେହେରାଙ୍କ ସମେତ ସମସ୍ତ ବ୍ଲକ ଅଧକ୍ଷ, କାଉନସିଲର, ଉପାଧକ୍ଷ, କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଏଥିରେ ସଭାପତିତ୍ୱ କରିଥିଲେ।

# ଆଜି ମୟୂରଭଞ୍ଜରେ ପକ୍ଷୀଗଣନା

**ବାରିପଦା ଅଫିସ,୯।୧**

ମୟୂରଭଞ୍ଜ ଜିଲାରେ ମଙ୍ଗଳବାର ଦିନିକିଆ ପକ୍ଷୀ ଗଣନା କରାଯିବ। ଜିଲାର ଶିମିଳିପାଳ ସମେତ ଏହାର ପାଦଦେଶ ଅଞ୍ଚଳରେ ଏହି ପକ୍ଷୀ ଗଣନା କରାଯିବ। ପ୍ରତି ବର୍ଷ ଶୀତ ଋତୁରେ ଏହି ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲାରେ ଥିବା ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଭିନ୍ନ ଜଳଭଣ୍ଡାର, ନଦୀ, ନାଳ ଏବଂ ଜଳଉତ୍ସ ସହ ପାଖାପାଖି ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହେବ। ଡିଭିଜନରେ ଗୋଟାଏ ଲେଖାଏ ଟିମ୍ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଶୀତ ଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଥିବା ବେଳେ ସେମାନଙ୍କ ଗତିବିଧିକୁ ଲକ୍ଷ୍ୟ ରଖି ଏହି ଗଣନା ପ୍ରକ୍ରିୟା ଆରମ୍ଭ ହେବ। ବନବିଭାଗର ସ୍ୱତନ୍ତ୍ର ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଏହି ଗଣନା କାର୍ଯ୍ୟ କରାଯିବ। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପକ୍ଷୀଙ୍କ ସଂଖ୍ୟା, ପ୍ରଜାତି ଓ ଗତିବିଧିକୁ ଦୃଷ୍ଟିରେ ରଖି ଏହି ଗଣନା କାର୍ଯ୍ୟ ହୋଇଥାଏ। ବନବିଭାଗର ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକ ଏଥିରେ ସାମିଲ ହୋଇଛନ୍ତି। ବାଇନାକୁଲାର ଓ ଜିପିଏସ୍ କ୍ୟାମେରା ସାହାଯ୍ୟରେ ବନ ବିଭାଗର କର୍ମଚାରୀମାନେ ପକ୍ଷୀ ଗଣନା କରିବେ। ପୂର୍ବ ବର୍ଷ ଅପେକ୍ଷା ଅଧିକ ବିଦେଶୀ ପକ୍ଷୀ ଆସିଥିବା ସମ୍ଭାବନା ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ ସଂରକ୍ଷକ ଟି. ଅଶୋକ କୁମାର ସୂଚନା ଦେଇଛନ୍ତି।

# ଜଳେଶ୍ୱର ହାଇସ୍କୁଲ ପରିସରରେ ୩ ଅଙ୍ଗନୱାଡି କେନ୍ଦ୍ର

**ଜଳେଶ୍ୱର, ୯।୧(ଡି.ଏନ.ଏ.)**

ସରକାରୀ ନିୟମ ଅନୁଯାୟୀ ନିକଟସ୍ଥ ବିଦ୍ୟାଳୟଗୁଡିକରେ ଅଙ୍ଗନୱାଡିକେନ୍ଦ୍ର ଗୁଡିକୁ ସଂଯୋଗ କରାଯାଉଥିବାରୁ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉଛି। ଜଳେଶ୍ୱର ନୂଆବଜାରସ୍ଥିତ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟବର୍ତ୍ତୀ ଅଞ୍ଚଳରେ ୩ଟି ଅଙ୍ଗନୱାଡି କେନ୍ଦ୍ର ଥିବାରୁ ଏହାର ନିର୍ମାଣ କାର୍ଯ୍ୟ ବିଦ୍ୟାଳୟ ପରିସରରେ ହେବାକୁ ଜିଲାପାଳ ଏକ ଚିଠି ଜିଲା ଶିକ୍ଷାଧିକାରୀଙ୍କୁ ଲେଖିଛନ୍ତି । ୭ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦରେ ୩ଟି ଅଙ୍ଗନୱାଡି କେନ୍ଦ୍ର ବିଦ୍ୟାଳୟର ପୋଖରୀ ହୁଡାରେ ନିର୍ମାଣ ଲାଗି ସ୍ଥାନ ନିରୂପିତ ହୋଇଛି।

# ଉଷୁ, କିକ୍-ବକ୍ସିଂ ଚାମ୍ପିୟନଙ୍କୁ ଭେଟିଲେ ଜେଏସ୍‌ପି ସିଇଓ

**ଯୋଡ଼ା,୯।୧(ଡି.ଏନ୍.ଏ)**

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର କିକ୍-ବକ୍ସିଂ ଏବଂ ଉଷୁ ଖେଳାଳିମାନଙ୍କୁ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀନେଶ ସାରୋଗୀ ଭେଟିଛନ୍ତି। ଏହି ଅବସରରେ କହିଛନ୍ତି, କିକ୍-ବକ୍ସିଂ ଏବଂ ଉଷୁ ଖେଳାଳି ଜାତୀୟ ପ୍ରତିଭା ଅଟନ୍ତି। ସେମାନଙ୍କୁ ସହାୟତା ଯୋଗାଇଦେବା ଓ ତାଙ୍କ ଖେଳର ଯତ୍ନ ନେବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ହେବା ଉଚିତ ବୋଲି କହିଥିଲେ। ଏଥିସହ ଉପସ୍ଥିତ ଥିବା ପ୍ରତ୍ୟେକ ଖେଳାଳି, ପ୍ରଶିକ୍ଷକ, ପଙ୍କଜ ମହନ୍ତଙ୍କ ସହ ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ଯୋଗାଇ ଦିଆଯାଉଥିବା ତାଲିମ ସୁବିଧା, କ୍ରୀଡ଼ା ଭିତ୍ତିଭୂମି ବିଷୟରେ ଆଲୋଚନା କରିବା ସହିତ ଫାଉଣ୍ଡେସନ ମାଧମରେ ଆଗକୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟଠାରେ ନିକଟରେ ଶେଷ ହୋଇଥିବା ଜାତୀୟ କିକ୍-ବକ୍ସିଂ ଚାମ୍ପିଅନ୍‌ସିପରେ ୯ ଟି ସ୍ୱର୍ଣ୍ଣ ଏବଂ ୧ ଟି ବ୍ରୋଞ୍ଜ ପଦକ ଜିତିଥିବା ଯୁବ ଆଦିବାସୀ କ୍ରୀଡ଼ାବିତ୍‌ଙ୍କୁ, ସାରୋଗୀ ପେଲେଟ ପ୍ଲାଣ୍ଟରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁରୁଷୋତ୍ତମ ମାଡେନାହଲ୍ଲୀ ଦାସପ୍ପା, ସରତ କିଶୋର ପଣ୍ଡା, ମାନବସମ୍ବଳ ବିଭାଗ ମୁଖ୍ୟ ଭର୍ଜିଲ ଲାକ୍ରା, ଜେଏସପି ବଡ଼ବିଲର ସିଏସଆର ମୁଖ୍ୟ ଏବଂ ପେଲେଟ ୟୁନିଟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଫାଉଣ୍ଡେସନ, ଓଡ଼ିଶା ରାଜ୍ୟ ଉଷୁ ଆସୋସିଏସନ ସହଯୋଗରେ, ଦୀର୍ଘ ୧୧ ବର୍ଷ ଧରି କେନ୍ଦୁଝର ଜିଲା ଉଷୁ ଦଳକୁ ପୃଷ୍ଠପୋଷକତା କରିଆସୁଛି।



ଜେଏସ୍‌ପି ସିଇଓ ଦୀନେଶ ସାରୋଗୀଙ୍କ ସହ କ୍ରୀଡ଼ାବିତ୍।

# ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

- ଜଣେ ଶିକ୍ଷୟିତ୍ରୀରେ ଚାଲିଛି ବଡ଼କମଣ୍ଡରା ସ୍କୁଲ୍
- ମାସକ ମଧରେ ଦ୍ୱିତୀୟ ଥର

**କେନ୍ଦୁଝର,୯।୧(ସ୍ୱ.ପ୍ର.)**



ସ୍କୁଲ ଗେଟ୍ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକ।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ତେନ୍ତଳାପଶି ପଞ୍ଚାୟତ ବଡ଼କମଣ୍ଡରା ସ୍କୁଲ୍‌ରେ ଶିକ୍ଷକ ଅଭାବ ନେଇ ଅଭିଭାବକମାନେ ଗେଟ୍‌ରେ ତାଲା ପକାଇ ବିରୋଧ ପ୍ରଦର୍ଶନ କରିଛନ୍ତି। ଏ ନେଇ ପୂର୍ବରୁ ଆନ୍ଦୋଳନ କରିବା ସହ ଦାବିପତ୍ର ଦେଇଥିବା ବେଳେ କିଛି ଫଳପ୍ରଦ ହୋଇ ନ ଥିଲା। ଫଳରେ ମାସକ ମଧରେ ପୁଣି ସୋମବାର ଆନ୍ଦୋଳନକୁ ଓହ୍ଲାଇଥିବା ଅଭିଭାବକମାନେ କହିଥିଲେ।

ଅଭିଯୋଗ ମୁତାବକ, ବଡ଼କମଣ୍ଡରା ସ୍କୁଲ୍‌କୁ ୫୬ ବର୍ଷ ହୋଇଥିବା ବେଳେ ୨୦୧୬ରେ ସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଛି। କିନ୍ତୁ ଏବେବି ସ୍କୁଲ ଶିକ୍ଷକ, ଶ୍ରେଣୀ ଗୃହ ଅଭାବ, କାଦୁଅ ରାସ୍ତା ଭଳି ବିଭିନ୍ନ ଅବ୍ୟବସ୍ଥା ଦେଇ ଚାଲିଛି। ୫ ଶ୍ରେଣୀରେ ୧୧୧ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଜଣେ ଶିକ୍ଷୟିତ୍ରୀ ଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହେଉଛି। ଏଭଳି ଅବ୍ୟବସ୍ଥା ନେଇ ଗତ ଡିସେମ୍ବର ୧୨ରେ ସ୍କୁଲ ଫାଟକରେ ତାଲା ପକେଇ ଅଭିଭାବକ ପ୍ରତିବାଦ କରିଥିଲେ। ୧୩ରେ ସିଆରସି ରାଜକିଶୋର ଜେନାଙ୍କୁ ଡେକ୍ କ୍ଲାସେସ ଆକାରରେ ହରିଚନ୍ଦନପୁର ଏବିଇଓ ବିକଳ ସାହୁ ନିଯୁକ୍ତ କରିଥିଲେ। ଜାନୁୟାରୀ ମଧରେ ଆଉ ଜଣେ ଶିକ୍ଷକ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଜକିଶୋର ଜେନାଙ୍କୁ ସ୍କୁଲରୁ ୨୦ ଦିନ ପରେ ଅପସାରଣ କରିନିଆଗଲା। ଫଳରେ ପୁଣି ସେଇ ଜଣେ ଶିକ୍ଷୟିତ୍ରୀରେ ସ୍କୁଲ ଚାଲିଛି। ସରକାରଙ୍କ ନିୟମ ମୁତାବକ ପ୍ରାଥମିକ ବିଦ୍ୟାଳୟରେ ୩୦ ଜଣ ପିଲା ପାଇଁ ଜଣେ ଶିକ୍ଷକ ରହିବା କଥା। ଏହି ଅନୁପାତକୁ ଦେଖିଲେ ବିଦ୍ୟାଳୟରେ ୪ ଜଣ ଶିକ୍ଷକ ରହିବା ଜରୁରୀ। କିନ୍ତୁ ସରକାର ଏଠାରେ ନିୟମର ଖୋଲା ଉଲ୍ଲଙ୍ଘନ କରୁଛନ୍ତି। ବାରମ୍ବାର ଗ୍ରାମବାସୀ ଦାବି କରୁଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ଗ୍ରାମବାସୀ ପୁଣି ସ୍କୁଲ୍ ଫାଟକରେ ତାଲା ପକେଇଛନ୍ତି। ଖବର ପାଇ ତେନ୍ତଳାପଶି ସର୍କଲର ସିଆରସିସି ମାନସ ରଞ୍ଜନ ସେଠୀ, ତେନ୍ତଳାପଶିର ପୂର୍ବତନ ସିଆରସି ବ୍ରହ୍ମାନନ୍ଦ ବେହେରା ଆସି ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗ୍ରାମବାସୀ ମିଥ୍ୟା ପ୍ରତିଶ୍ରୁତି କଥା ମନେପକେଇ ଫାଟକ ଖୋଲି ନ ଥିଲେ। ଶୀଘ୍ର ସ୍କୁଲ୍‌ରେ ଦୁଇଜଣ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ।

## ନିଆଁରେ ପୋଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଖୁଣ୍ଟା/ଗୋପବନ୍ଧୁ ନଗର,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ନୂଆଗାଁ ଗ୍ରାମରେ ନିଆଁରେ ପୋଡ଼ି ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ୱର୍ଗତ ପରିକ୍ଷୀତ ବେହେରାଙ୍କ ସ୍ତ୍ରୀ ଗୁରୁବାରୀ (୮୦)। ଗତ ୭ ତାରିଖ ସକାଳେ ଶୀତଦାଉରୁ ରକ୍ଷା ପାଇବା ପାଇଁ ଗୁରୁବାରୀ ଘର ବାହାରେ ନିଆଁ ପୋଉଁଥିଲେ। ଅସାବଧାନତାରୁ ତାଙ୍କ ଶାଢ଼ିରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରିଥିଲେ। ସୋମବାର ଚିକିତ୍ସାଧିନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମାମଲା(ନଂ.୧/୨୩)।

## ସଂକ୍ଷେପରେ

### ପୁଅ ଶୋଇଥିବା ବେଳେ ନିଆଁ ଲଗାଇଦେଲେ ବାପା

ଔପଦା, ୯।୧-ଦିନକୁ ଦିନ ତିକ୍ତ ହେଉଛି ପାରିବାରିକ ସମ୍ପର୍କ। ସାମାନ୍ୟ କଳହ ଅନେକ ସମୟରେ ଉଗ୍ରରୂପ ଧାରଣ କରୁଛି। ବାଲେଶ୍ୱର ଜିଲା ଔପଦା ଥାନା ଟିପୁରା ଗ୍ରାମରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ରାତିରେ କବାଟ ବନ୍ଦ କରି ପୁଅ ଶୋଇଥିବା ବେଳେ ବାପା ବାହାରପଟୁ ଝରକା ଓ କବାଟ ଫାଙ୍କରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ପୁଅ ଚିତ୍କାର କରିବାରୁ ପରିବାର ଲୋକେ ଓ ପଡୋଶୀମାନେ ଜାଣିପାରି ଦରପୋଡା ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଖଇରା ଓ ପରେ ଭଦ୍ରକ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ବାପା ଗଣେଶ ପାତ୍ରଙ୍କୁ ଥାନାରେ ଅଟକ ରଖିଛନ୍ତି। ଏନେଇ ଲିଖିତ ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

କିଛି ଦିନ ପୂର୍ବେ ଗ୍ରାମର ଗଣେଶ ଓ ତାଙ୍କ ପୁଅ ଦୀପକ ମଧ୍ୟରେ କଳି ହୋଇଥିଲା। ଏନେଇ ଦୀପକ ଔପଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ପୋଲିସ ପରିବାର ଲୋକଙ୍କୁ ଥାନାକୁ ଡାକି ସମାଧାନ କରିଥିଲେ। ପୁଣି କିଛି ଦିନ ପରେ ବାପା ଗଣେଶ ଘରୋଇ କଳିକୁ ନେଇ ଥାନାରେ ପୁଣି ଅଭିଯୋଗ କରିଥିଲେ। ପୋଲିସ କିଛି କରିବା ପୂର୍ବରୁ ରବିବାର ରାତିରେ ପୁଅ ଦୀପକ କବାଟ ବନ୍ଦ କରି ଶୋଇଥିବା ଅବସ୍ଥାରେ ବାପା ଗଣେଶ ବାହାର ପଟୁ କବାଟ ପାଖରେ ପେଟ୍ରୋଲ ଢାଳି ଓ ଝରକା ବାଟେ ପକାଇ ନିଆଁ ଲଗାଇଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମିଳିତ ଜନଅଭିଯୋଗ ଶୁଣାଣି

ରାଇରଙ୍ଗପୁର,୯।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ପରିସରରେ ସୋମବାର ଉପଖଣ୍ଡସ୍ତରୀୟ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣିରେ ଉପଜିଲାପାଳ ସରୋଜ କୁମାର ଦାଶ, ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ ଏବଂ ଅତିରିକ୍ତ ଏସ୍‌ପି ଗୋକୁଳାନନ୍ଦ ସାହୁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ। ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ସମାଧାନ ସକାଶେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ରାଇରଙ୍ଗପୁର ସବ୍ ଡିଭିଜନର ବିଭିନ୍ନ ବ୍ଲକ୍ ଏବଂ ସହରାଞ୍ଚଳର ସର୍ବମୋଟ ୫୮ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୪୭ଟି ଏବଂ ସାମୁହିକ ୧୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଜଣେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ବାବଦକୁ ଜିଲା ରେଡକ୍ରସ ପାଣ୍ଠି ସହାୟତାରେ ୧୦ହଜାର ଟଙ୍କା ଜିଲାପାଳ ମଞ୍ଜୁର କରିଥିଲେ। ଏହି ଅବସରରେ ରାଇରଙ୍ଗପୁର ସବ୍ ଡିଭିଜନର ସମସ୍ତ ବିଡିଓ, ତହସିଲଦାର, ସବ୍ ଡିଭିଜନ ଚିକିତ୍ସାଧିକାରୀ, ଶିକ୍ଷା, ଜଳ ଯୋଗାଣ, ଜନସ୍ୱାସ୍ଥ୍ୟ, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

# ଦେଶୀ ମାଟିରେ ହସୁଛି ବିଦେଶୀ ଫଳ

ସ୍ମୃତି ଶୋଭନ ପାଲ୍
ସାରସକଣା,୯।୧

ଧାନଚାଷ କରି ଚଳି ଆସୁଥିଲେ। ମାତ୍ର ଏଥିରେ ବେଶୀ ଲାଭ ହେଲାନି। କିଛି ନୂଆ ଚାଷ କରି ସ୍ୱାବଲମ୍ବୀ ହେବାକୁ ମନ ବଳାଇଲେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଭୂରୁଷାଣି ପଞ୍ଚାୟତ ଅନ୍ତର୍ଗତ ଖଡ଼ିଆଶୋଳ ଗ୍ରାମର ସୁବ୍ରତ କୁମାର ରାଉତ। ୟୁଟ୍ୟୁବ ଦେଖି ସେ ବିଦେଶୀ ଫଳ ବେରୀ ଚାଷ ପ୍ରତି ଆଗ୍ରହୀ ହେଲେ। ଖୁବ୍ କମ୍ ସମୟରେ ସାରସକଣା ବ୍ଲକ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ହସୁଛି ଏହି ବିଦେଶୀ ଫଳ।

ପିଲାଟି ଦିନରୁ ସୁବ୍ରତଙ୍କ ଚାଷ ପ୍ରତି ଦୁର୍ବଳତା ଥିଲା। ମାଟ୍ରିକ୍ ପାସ୍ ପରେ ଆଉ ପାଠ ନ ପଢ଼ି ଚାଷ କାମରେ ଲାଗି ପଡ଼ିଥିଲେ। ତେବେ ଧାନଚାଷରୁ ସେତେଟା ଲାଭ ନ ମିଳିବାରୁ ସେ ନୂଆ କିଛି ଚାଷ କରିବେ ବୋଲି ମନସ୍ଥ କଲେ। କମ ଖର୍ଚ୍ଚରେ ଅଧିକ ଲାଭ ପାଇବା ଆଶାରେ ୟୁଟ୍ୟୁବ୍ ଦେଖି ବେରୀ ଚାଷ କରିବା ପାଇଁ ସ୍ଥିର କଲେ। ଶ୍ୱଶୁର ଘର ପଶ୍ଚିମବଙ୍ଗ କୋଲକାତା ନିକଟରେ ଜଣେ ଚାଷୀ ବେରୀ ଚାଷ କରିଥିବା ଦେଖିଥିଲେ।


ବେରୀ ଚାଷ କ୍ଷେତରେ ସୁବ୍ରତ।

ସେଠାରୁ ଫେରି ବାଂଲାଦେଶ ସୀମା ନିକଟ ଏକ ନର୍ସରୀରୁ ୧୧୫୦ ଖଣ୍ଡ ଚାରା (ଗୋଟାକ ୧୦୦ରୁ ୧୨୦ଟଙ୍କା) ଆଣି ୨୦୨୨ ଫେବୃୟାରୀରେ ରୋପଣ କରିଥିଲେ। ଦୁଇ ଏକର ବିଶିଷ୍ଟ ଜମିକୁ ଲିଜ ସୂତ୍ରରେ ନେଇ ସେଥିରେ ୬ କିସମର ବେରୀ ଗଛ ଲଗାଇଛନ୍ତି;ଯେଉଁଥିରେ ରହିଛି ରେଡ୍ କଶ୍ମିରୀ, ସିଡ୍‌ଲେସ, ଥାଇ ଗ୍ରୀନ୍, ମିସ୍ ଇଣ୍ଡିଆ, ତାଇୱାନ ଓ ବଲ ସୁନ୍ଦରୀ କିସମ। ମିସ୍ ଇଣ୍ଡିଆ ଓ ରେଡ୍ କଶ୍ମିରୀ କିସମ ସର୍ବାଧିକ ଗଛ ଲାଗିଛି।

ଚାରା ଲାଗିବା ପରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଗଛ ମୂଳରେ ପାଣି ଜମିରହି ଗଛଗୁଡ଼ିକ ରୋଗଗ୍ରସ୍ତ ହୋଇପଡ଼ିଥିଲା। ଏହା ଦେଖି ସେ ଭାଙ୍ଗି ପଡ଼ିଥିଲେ। ଗ୍ରାମବାସୀଙ୍କ ସହ ପରିବାର ଲୋକଙ୍କ ଟାହିଟାପରା ତାଙ୍କୁ ବ୍ୟଥିତ କରିଥିଲା। ତଥାପି ସେ ଧୈର୍ଯ୍ୟ ଧରି ମନୋବଳ ଦୃଢ଼ କରିଥିଲେ। ଚାରା ଆଣିଥିବା ନର୍ସରୀ ସହିତ ଯୋଗାଯୋଗ ରଖି ଆସୁଥିଲେ। ବର୍ଷା ପରେ ପାଣିପାଗ ବଦଳିବା ସହିତ ଗଛଗୁଡ଼ିକ ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଆସିଥିଲା, ଯାହାକୁ ଦେଖି ସେ ଖୁସି ଅନୁଭବ କରିଥିଲେ। ଗତ ଅକ୍ଟୋବର ମାସରେ ଗଛରେ ଫୁଲ ଆସିବା ସହିତ ଡିସେମ୍ବର ୨୦ରେ ଅମଳ ଆରମ୍ଭ ହୋଇଥିଲା। ଏହି ଚାଷରେ ସେ ପ୍ରାୟ ସାଢେ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଗୋଟିଏ ଗଛ ପ୍ରତି ଏବେ ସର୍ବନିମ୍ନ ୧୫ରୁ ୨୦ କେଜି ବେରୀ ଉତ୍ପାଦନ ହେଉଛି। ଏହି ଫଳ ଭୁବନେଶ୍ୱର, ବ୍ରହ୍ମପୁରର ବ୍ୟବସାୟୀମାନେ କେଜି ପ୍ରତି ୭୫ଟଙ୍କାରେ କିଣୁଛନ୍ତି। ଏହି ଫଳର ଚାହିଦା ଏତେ ବଢ଼ିଯାଇଛି ଯେ, ଯୋଗାଣ ପାଇଁ ସମସ୍ୟା ସୃଷ୍ଟି ହେଉଛି। ତେବେ ସରକାରୀସ୍ତରରେ ଯଦି ତାଙ୍କୁ ସହାୟତା ମିଳନ୍ତା, ତେବେ ସେ ଚାଷ କରି ପାରନ୍ତେ ବୋଲି ସୁବ୍ରତ କହିଛନ୍ତି। ଯୁବଗୋଷ୍ଠୀ ଏହି ଚାଷକୁ ଆପଣାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସାରସକଣାସ୍ଥିତ ଉଦ୍ୟାନ ବିଭାଗ ଅଧିକାରୀ ଛତିଶ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ କାର୍ଯ୍ୟାଳୟ ସହ ଯୋଗାଯୋଗ କଲେ ନିଶ୍ଚିତ ଭାବେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

**ୟୁଟ୍ୟୁବ୍ ଦେଖାଇଲା ସଫଳତାର ବାଟ**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ସିପି


@ରୁଦ୍ରନାରାୟଣ


@ଶ୍ରଦ୍ଧା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବାର୍ ବନ୍ଦ ପାଇଁ ଦାବି କଲେ ବଜାରବାସୀ

**ଖଇରାରେ ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି ଶିବିର**

ଖଇରା, ୯।୧(ଡି.ଏନ.ଏ.)

ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ସାଗରିକା ନାଥ ତଥା ବିଭିନ୍ନ ବିଭାଗର ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସୋମବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୋଟ ୧୪୦ଟି ମାମଲାର ଶୁଣାଣି କରାଯାଇଥିଲା। ଖଇରା ବଜାର ସଂଲଗ୍ନ ଆଳଦା ମୌଜାରେ ଠିପି ଖୋଲା ମଦ ଦୋକାନ ସାଙ୍ଗକୁ ବାର୍ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ୩୦ମିଟର ଦୂରରେ ଶିବ ମନ୍ଦିର, ୭୦ମିଟର ଦୂରରେ ସାଇ ମନ୍ଦିର ୧୦୦ମିଟର ବ୍ୟବଧାନରେ ୨ ବିଦ୍ୟାଳୟ ଓ ନିକଟରେ ଜନବସତି ଥିବାରୁ ଏହାକୁ ବନ୍ଦ କରିବାକୁ ନିଶିକାନ୍ତ ମହାନ୍ତିଙ୍କ ସମେତ ବହୁ ବଜାରବାସୀ ଦାବି କରିଥିଲେ। ବାର୍ ଖୋଲିବା ପୂର୍ବରୁ ଏକ ମିଳିତ ତଦନ୍ତ ପାଇଁ ଅବକାରୀ ବିଭାଗ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି କାର୍ଯ୍ୟକ୍ରମରେ ସ୍ଥାନୀୟ ଗଣମାଧ୍ୟମକୁ ବିଡିଓ ସୂଚନା ପ୍ରଦାନ କରୁ ନ ଥିବା ଖଇରାରେ କାର୍ଯ୍ୟରତ ଖବରଦାତା ଅଭିଯୋଗ କରିଥିଲେ । କାର୍ଯ୍ୟକ୍ରମ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ରରେ ଚୋରାରେ ଚାଲିଥିବା ମାଙ୍କଡା ଓ ମୋରମ ଖଣିଗୁଡିକ ବନ୍ଦ କରି ବିଧିବଦ୍ଧ ଟେଣ୍ଡର ପ୍ରକ୍ରିୟାରେ ଏଗୁଡ଼ିକୁ ଚଲାଇ ରାଜସ୍ୱ ହାନି ରୋକିବାକୁ ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଲିଖିତ ଭାବେ ଜଣାଇଥିଲେ। ପ୍ରଚାର ପ୍ରସାର ଅଭାବରୁ ମାସ ମାସ ଧରି ଅଭିଯୋଗ ଧରି ବସିଥିବା ଜନସାଧାରଣ ସୂଚନା ଅଭାବରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।


ଜନସାଧାରଣ ଜିଲାପାଳଙ୍କୁ ଅଭିଯୋଗ କରୁଛନ୍ତି।

## ମିଳନୀର ୬୦ତମ ବାର୍ଷିକ ଉତ୍ସବ

କେନ୍ଦୁଝର,୯।୧(ସ୍ୱ.ପ୍ର.)

ପୁରାତନ ସାହିତ୍ୟ ପ୍ରତିଷ୍ଠାନ ମିଳନୀ ସାହିତ୍ୟ ସଂସଦର ୬୦ତମ ବାର୍ଷିକ ଉତ୍ସବ କେନ୍ଦୁଝର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ କବି ଚିତ୍ତରଞ୍ଜନ ମିଶ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉପ ସଭାପତି ପ୍ରାଧ୍ୟାପକ ଜଗନ୍ନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ମୁଖପତ୍ର ମିଳନୀ ବନବୀଣାକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କବି ଦେବାଶିଷ ଚକ୍ରବର୍ତ୍ତୀଙ୍କ ଏକପଦୀ କବିତା ସଂଗ୍ରହ ରେଣୁ ଓ ବିଜୟଲକ୍ଷ୍ମୀ ମହାନ୍ତିଙ୍କ ଗଳ୍ପ ପୁସ୍ତକ ଶୂନ୍ୟ ପ୍ରତିଦାନକୁ ଅତିଥିଙ୍କମାନେ ଉନ୍ମୋଚନ କରିଥିଲେ। କବିତା, ଗଳ୍ପ ଓ ପ୍ରବନ୍ଧ ରଚନାରେ ଉତ୍କର୍ଷ ପ୍ରତିପାଦନ କରିଥିବା କବି ତ୍ରିନାଥ ସିଂହ, କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀ ଓ ମହେଶ୍ୱର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଶୁସାହିତ୍ୟ ପାଇଁ ମରଣୋତ୍ତର ଭାବରେ ଦିବଂଗତ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଅଜଣା ଗାଡ଼ି ଧକ୍କାରେ ପରିବା ଦୋକାନୀ ମୃତ

ବନ୍ତ,୯।୧(ଡି.ଏନ୍.ଏ)

**ମୃତଦେହ ରଖି ରାସ୍ତାରୋକୋ**

ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବନ୍ତ ଲକ୍ଷ୍ମୀବଜାରଠାରେ ସୋମବାର ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପରିବା ଦୋକାନୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚଣ୍ଡିପୁର ଗ୍ରାମର ଜାହାଙ୍ଗୀର ଖାଁ। ସୂଚନା ଅନୁଯାୟୀ, ଜାହାଙ୍ଗୀର ଲକ୍ଷ୍ମୀବଜାରଠାରେ ଥିବା ଦୋକାନ ଖୋଲିବା ପାଇଁ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଭଦ୍ରକରୁ ଆନନ୍ଦପୁର ଅଭିମୁଖେ ଆସୁଥିବା ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୋର ସମୟ ଯୋଗୁ କେଉଁ ଗାଡ଼ି ଜାଣିପାରି ନ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଖବରପାଇ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ପହଞ୍ଚି ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ୪ଘଣ୍ଟା ଧରି ରାସ୍ତାରୋକୋ ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଖବର ପାଇ ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ପରେ ତହସିଲଦାର ଅଙ୍କିତା ବାରିକ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ୩୦ହଜାର ଟଙ୍କା ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଜଣା ଗାଡ଼ି ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛି। ଜାହାଙ୍ଗୀରଙ୍କ ମୃତ୍ୟୁରେ ସ୍ତ୍ରୀ, ୨ ଝିଅ ଓ ୩ ପୁଅଙ୍କ ସମେତ ପରିବାରବର୍ଗ ବେସାହାରା ହୋଇପଡ଼ିଛନ୍ତି।

# ପାଚିକା ସହାୟିକା ସଂଘର ଦାବିପତ୍ର

ଆନନ୍ଦପୁର/ଘସିପୁରା,୯।୧
(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ସୋମବାର ବିଭିନ୍ନ ଦାବିକୁ ନେଇ କେନ୍ଦୁଝର ଜିଲା ଘସିପୁରା ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଘସିପୁରା ବ୍ଲକ୍ ଶାଖା ପାଚିକାମାନେ ଘସିପୁରାସ୍ଥିତ ଖପରାଖାଇ ୧ ନଂ ବସ୍‌ଷ୍ଟାଣ୍ଡଠାରୁ ଏକ ରାଲିରେ ବାହାରି ଘସିପୁରା ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ମାସକୁ ୨୬ ହଜାର ଦରମା, ୧୦ ମାସ ବଦଳରେ ୧୨ ମାସର ଦରମା, ବର୍ଷକୁ ଦୁଇ ଖଣ୍ଡ ଶାଢ଼ୀ ଓ ବକେୟା ଦରମା ପାଇଁ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ପାଚିକା ସହାୟିକା ସଂଘ ରାଜ୍ୟ ସମ୍ପାଦିକା ଖୀରମଣି ମହାନ୍ତ କହିଛନ୍ତି।



ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।

# 'ସଂଗ୍ରାମ, ବଳିଦାନ ଭଦ୍ରକ ମାଟିକୁ ପରିଚିତ କରିଛି'

ଭଦ୍ରକ ଅଫିସ, ୯।୧

**ତ୍ୟାଗଭୂମି ମହୋତ୍ସବ ଉଦ୍‌ଯାପିତ**

ତ୍ୟାଗ, ସାଧନା, ସଂଗ୍ରାମ ଓ ବଳିଦାନର କାହାଣୀ ଭଦ୍ରକ ମାଟିକୁ ସାରା ଦେଶରେ ପରିଚିତ କରିଛି। ଅତୀତର ସମୃଦ୍ଧ ଭାବନାକୁ ଜାଗ୍ରତ କରାଇ ବର୍ତ୍ତମାନ ଓ ଭବିଷ୍ୟତକୁ ସମୃଦ୍ଧି ପଥରେ ନେବା ଉତ୍ତରପିଢ଼ିଙ୍କ ଦାୟିତ୍ୱ ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅଧାପକ ଦାସ ବେନହୁର, ମୁଖ୍ୟବକ୍ତା ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଓ ବରେଣ୍ୟ ଅତିଥି ଭାବେ ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜୀ ହବିବ ଯୋଗ ଦେଇଥିଲେ।

ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ପୌରୋହିତ୍ୟ କରିଥିଲେ। ଅଧାପକ ଅଭୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଯୁଗ୍ମ ସମ୍ପାଦକ ସୁଧାକର ରାଉତ ମଞ୍ଚ ଆହ୍ୱାନ ଓ ଅଧିବକ୍ତା ଗଦାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବସନ୍ତ ମହାନ୍ତି, ସହସମ୍ପାଦକ ଗୌରାଙ୍ଗ ବାରିକ, ପତ୍ରିକା ସମ୍ପାଦକ ଅଧାପକ ବିଶ୍ୱରଞ୍ଜନ ଦାସ, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଡ. ଝରଣା ପଟ୍ଟନାୟକ, ଅମରେନ୍ଦ୍ର ବିଶ୍ୱାଳ, ଶାନ୍ତନୁ କୁମାର ରାଉତ, ଡ. ରାଧାରାଣୀ ମହାପାତ୍ର, ଅଧିବକ୍ତା ଦିବ୍ୟସିଂହ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

# ଆସ୍ଥାନ ଜମେଇଲେଣି ନାଗା ସନ୍ନ୍ୟାସୀ

ଭୋଗରାଇ, ୯।୧(ଡି.ଏନ.ଏ.)

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପରେ ଏବେଠୁ ଜମିଉଠିଛି ସାଗରମେଳା। ଏହି ମେଳାକୁ ଲକ୍ଷାଧିକ ପୁଣ୍ୟାର୍ଥୀ ଆଗମନରେ ସୂଚନା ମିଳିବା ପରେ ପ୍ରଶାସନ ତତ୍ପର ହୋଇପଡ଼ିଛି। କୋଲକାତା ଗଙ୍ଗା ନଦୀ ବାବୁଘାଟ, ଧର୍ମତଳା, ସିଆଲଦାଠାରେ ଗଙ୍ଗାସାଗରକୁ ଆଗତ ତୀର୍ଥଯାତ୍ରୀମାନେ ବିଭିନ୍ନ ସ୍ୱେଚ୍ଛାସେବୀ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ରବିବାରଠାରୁ ସାଗରମେଳା ଆରମ୍ଭ ହୋଇଥିବା ବେଳେ ଗଙ୍ଗାସାଗର ପ୍ରବେଶ ପଥ କଚୁବେଡ଼ିଆ, ଚେମାଗଡ଼ି, ଲଟ୍ ନଂ.୮, କାକଦ୍ୱୀପ ଓ ନାମଖାନାରେ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରାଯାଉଛି। କଚୁବେଡ଼ିଆରୁ ଗଙ୍ଗାସାଗର ୨୯କି.ମି. ଓ ଚେମାଗଡ଼ିରୁ ଗଙ୍ଗାସାଗର ୧୦କି.ମି. ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ସକାଶେ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାରିକେଡ୍ ସହିତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଉଛି। ଦୁଇଦିନ ମଧ୍ୟରେ ଗଙ୍ଗାସାଗରକୁ ୫୦ହଜାରରୁ ଉର୍ଦ୍ଧ୍ୱ ପୁଣ୍ୟାର୍ଥୀ ସମୁଦ୍ରସ୍ନାନ କରିବା ସହିତ ପ୍ରସିଦ୍ଧ କପିଳମୁନି ମନ୍ଦିରରେ ପୂଜାର୍ଚ୍ଚନା କରି ଘର ବାହୁଡ଼ା ହୋଇଥିବା ଜିଲା ଶାସକ ସୁମିତ ଗୁପ୍ତା ଧରିତ୍ରୀକୁ ସୂଚନା ଦେଇଛନ୍ତି। ଗଙ୍ଗାସାଗର ମେଳାରେ ବହୁ ଧର୍ମୀୟ ଅନୁଷ୍ଠାନରେ ସାଧୁ, ସନ୍ଥ ଓ ନାଗା ସନ୍ନ୍ୟାସୀମାନେ ଆସ୍ଥାନ ଜମାଇଛନ୍ତି। କଡ଼ା ନିରାପତ୍ତା ମଧ୍ୟରେ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ବାସସ୍ଥାନ ଉପରେ ଗୁରୁତ୍ୱ ଦିଆଯାଇଛି। ଗଙ୍ଗାସାଗର ମେଳାକୁ ଆଗତ ତୀର୍ଥଯାତ୍ରୀଙ୍କ ସକାଶେ କଚୁବେଡ଼ିଆ, ଚେମାଗଡ଼ିରୁ ଶତାଧିକ ବସ୍ ଓ ଅନ୍ୟାନ ଯାତ୍ରୀବାହୀ ଗାଡ଼ି ଉପଲବ୍ଧ ହୋଇଛି। ମେଳାକୁ ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛ ଓ ସତେଜ ରଖାଯିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିର୍ଦ୍ଦେଶ ଦିଆଯାଇଛି। ମେଳାରେ କୌଣସି ଆତ୍ମୀୟସ୍ୱଜନ ନିଖୋଜ ହେଲେ ସାଗରବନ୍ଧୁ ନାମିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନଜର ରଖିବା ସହିତ ସୂଚନା କେନ୍ଦ୍ରର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି। ପଶ୍ଚିମବଙ୍ଗ ରାଜ୍ୟପାଳ ଓ ତାଙ୍କ ସ୍ତ୍ରୀ ଗଙ୍ଗାସାଗରରେ ଦୁଇଦିନ ଅବସ୍ଥାନ କରି କୋଲକାତା ଫେରିଥିବା ସୂଚନା ମିଳିଛି। ପୁରୀ ଗୋବର୍ଦ୍ଧନ ପୀଠର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମଦ୍ ନିଶ୍ଚଳାନନ୍ଦ ସରସ୍ୱତୀ ଗଙ୍ଗାସାଗରକୁ ଯାଉଥିବା ଆଦିତ୍ୟବାହିନୀ ପକ୍ଷରୁ କୁହାଯାଇଛି।


ବିଭିନ୍ନ ଢଙ୍ଗରେ ଉପବିଷ୍ଟ ନାଗା ସନ୍ନ୍ୟାସୀ ।

**ଜମୁଛି ଗଙ୍ଗାସାଗର ମେଳା**

